# ସାପ ମରିବ, ବାଡ଼ି ଭାଙ୍ଗିବନି

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ମନ୍ତ୍ରିମଣ୍ଡଳର ଜଣେ ମହିଳାମନ୍ତ୍ରୀଙ୍କ ପ୍ରତି ଅନ୍ୟ ଜଣେ ବରିଷ୍ଠ ମନ୍ତ୍ରୀ କରିଥିବା ଅସଦାଚରଣର ଖବର କେତେକ ଗଣମାଧ୍ୟମରେ ପ୍ରକାଶପାଇଛି । କୌଣସି ମନ୍ତ୍ରୀଙ୍କ ନାମ ନିଆଯାଇ ନଥିଲେ ମଧ୍ୟ ନବୀନଙ୍କ ମନ୍ତ୍ରିମଣ୍ଡଳରେ ମାତ୍ର ଦୁଇଜଣ ମହିଳାମନ୍ତ୍ରୀ ଥିବା ଦୃଷ୍ଟିରୁ ଏଭଳି ଖବର କେଉଁମାନଙ୍କୁ ନେଇ ପ୍ରକାଶିତ ହୋଇଛି, ତାହା ଜାଣିବା ଆଦୌ କଷ୍ଟକର ନୁହେଁ । ଅନ୍ୟ ପକ୍ଷରେ ପୁରୁଷମନ୍ତ୍ରୀଙ୍କ ସଂପର୍କରେ ଯେଭଳି ବିବରଣୀ ଦିଆଯାଇଛି ସେଥିରୁ ମଧ୍ୟ ଠିକ୍ ଅନୁମାନ କରିବା ଆଦୌ କଠିନ ନୁହେଁ । ଇତିମଧ୍ୟରେ ଉଭୟ ମହିଳା ମନ୍ତ୍ରୀ ଏଭଳି ଘଟଣା ସହିତ ସେମାନଙ୍କର କୌଣସି ସଂପୃକ୍ତି ଥିବା ବିଷୟକୁ ଅସ୍ୱୀକାର କରିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଏଭଳି ଚର୍ଚ୍ଚା ହେଉଛି କାହିଁକି ଏବଂ କରୁଛି କିଏ ?

ଖବରଟି ଯଦି ସତ ହୋଇଥାଏ ତା'ହେଲେ ନିଶ୍ଚୟ ସାଂଘାତିକ; କିନ୍ତୁ ଖବରଟି ଯଦି ମିଛ ହୋଇଥାଏ, ତା'ହେଲେ ଅଧିକ ବିପଜ୍ଜନକ । କାରଣ ସାରା ରାଜ୍ୟରେ ନାରୀ ସୁରକ୍ଷା ସଂପର୍କରେ ସରକାରଙ୍କର ଅପାରଗତାର ପ୍ରମାଣ ପ୍ରତିଦିନ ଲୋକଲୋଚନକୁ ଆସୁଥିବାବେଳେ ଖୋଦ୍ ଜଣେ ମନ୍ତ୍ରୀ ବିଧାନସଭା ପରିସର ଭିତରେ ଓ ସହଯୋଗୀ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମଧ୍ୟ ସୁରକ୍ଷିତ ନୁହନ୍ତି । ଏପରି ସ୍ଥିତିରେ ସାଧାରଣ ଲୋକଙ୍କ କଥା କଣ ବା କୁହାଯାଇପାରେ !

ଏଭଳି ଅସଦାଚରଣର ଶିକାର ହେଲା ପରେ ମନ୍ତ୍ରୀଙ୍କ ଆଚରଣ ମଧ୍ୟ ଆଦୌ ସ୍ପୃହଣୀୟ ନୁହେଁ । ଅସଦାଚରଣ ଏକ ଧର୍ତ୍ତବ୍ୟ ଅପରାଧ । ଆଇନ ଅନୁସାରେ ମନ୍ତ୍ରୀ ମହୋଦୟା ନିଜ ସହଯୋଗୀ ମନ୍ତ୍ରୀଙ୍କ ବିରୋଧରେ ସିଧାସଳଖ ଥାନାରେ ଅଭିଯୋଗ କରିବା କଥା । ତାହା ସେ କଲେ ନାହିଁ । କୁହାଯାଉଛି, କାଳେ ସେ ଏ ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କାନ୍ଦିକାନ୍ଦି ଜଣାଇଛନ୍ତି । କିନ୍ତୁ ଶାସନମୁଖ୍ୟ ତଥା ଦଳର ମୁଖ୍ୟ ଭାବରେ ନବୀନବାବୁ କଲେ କ'ଣ ? ଥାନାରେ ଏତଲା ଦେବାପାଇଁ ମହିଳାମନ୍ତ୍ରୀଙ୍କୁ ପରାମର୍ଶ ଦେଇ ଅଭିଯୁକ୍ତ ମନ୍ତ୍ରୀଙ୍କୁ ବରଖାସ୍ତ କଲେ ନାହିଁ କାହିଁକି ? ନା ଦଳର ଭାବମୂର୍ତ୍ତି ସଂକଟ ଓ ଆଭ୍ୟନ୍ତରୀଣ କନ୍ଦଳ ପରିପ୍ରେକ୍ଷୀରେ ଘଟଣାକୁ ଚପାଇ ଦେବାପାଇଁ ସେ ଅଧିକ ଶ୍ରେୟସ୍କର ମଣିଲେ ?

କଥାଟି ଯଦି ସତ ହୋଇନଥାଏ ତେବେ ଏଭଳି ମିଛକଥାକୁ କାହିଁକି ଏପରି ପ୍ରାଧାନ୍ୟ ଦିଆଯାଇ ପ୍ରଚାର କରାଯାଉଛି ? ବିଧାନସଭା ଚାଲୁଥିଲାବେଳେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମାତ୍ର କେଇ ମିନିଟ୍ ମଧ୍ୟରେ ଏମିତି କ'ଣ ଘଟିଗଲା ଯେ ମନ୍ତ୍ରୀ ମହୋଦୟା କାନ୍ଦିକାନ୍ଦି ଫେରୁଥିବା ସମସ୍ତେ ଦେଖିଲେ ? ଆମର କାହିଁକି ସନ୍ଦେହ ହେଉଛି, ନିର୍ଦ୍ଦିଷ୍ଟ ମନ୍ତ୍ରୀଙ୍କୁ  ପାନେ ଦେବାପାଇଁ କନ୍ଦଳରତ ବି.ଜେ.ଡି. ନେତାମାନଙ୍କର ଏହା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର । ଏଥିରେ ସାପ ମରିବ ଅଥଚ ବାଡ଼ି ଭାଙ୍ଗିବ ନାହିଁ । ସହଯୋଗୀ ମନ୍ତ୍ରୀମାନଙ୍କୁ ଅଡୁଆରେ ପକାଉଥିବା ଅନ୍ୟ ଜଣେ କୁହାଳିଆ, ବରିଷ୍ଠ ମନ୍ତ୍ରୀଙ୍କୁ ବିଦା କରିବା ନିଶ୍ଚିତ ହେବା ସଙ୍ଗେ ସଙ୍ଗେ ନବୀନବାବୁଙ୍କୁ ମହିଳା ସୁରକ୍ଷା ଓ ନୈତିକତା ପାଇଁ ବରିଷ୍ଠ ମନ୍ତ୍ରୀମାନଙ୍କୁ ମଧ୍ୟ ବଳିଦେବାର ସାହସ ଅଛି ବୋଲି ଶ୍ରେୟ ମିଳିବ ।

ପୁଣି ବିଭାଗୀୟ ସୂତ୍ରରୁ ଯେଉଁ ଖବର ମିଳୁଛି, ତାକୁ ବିଚାର କଲେ ସମୁଦାୟ ଘଟଣାଟି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ମନ୍ତ୍ରୀ ମହୋଦୟାଙ୍କର ସଂପର୍କୀୟ କୁଆଡ଼େ ସମବାୟ ବିଭାଗରେ କାର୍ଯ୍ୟ କରନ୍ତି । ତାଙ୍କ ବିରୋଧରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆସିଛି । ଏହି ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଏକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆନଯାଉ ବୋଲି ମନ୍ତ୍ରୀ ମହୋଦୟା ଚାହୁଁଥିଲେ । ତାହା ହେଲା ନାହିଁ । ଏହା ବି ଯଦି ସତ ହୋଇଥାଏ, ତା'ହେଲେ ନବୀନଙ୍କ ଶାସନ ସଂପର୍କରେ ଆମେ କ'ଣ କହିବା ? ଖଣି, ଜମି, ପାଣି ଓ ଚିଟ୍‌ଫଣ୍ଡ ଆଦି ଦୁର୍ନୀତି ପ୍ରଶାସନର ସବୁ ସ୍ତରକୁ ବ୍ୟାପି ଚରମସୀମାରେ ପହଞ୍ଚିଲାଣି । ମୁଖ୍ୟମନ୍ତ୍ରୀଙ୍କର କୌଶଳପୂର୍ଣ୍ଣ ନିରବତା ମଧ୍ୟ ବରଦାସ୍ତର ସବୁ ସୀମା ଲଙ୍ଘିବାକୁ ବସିଲାଣି । ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ଏସବୁ ବ୍ୟାପାରରେ ନିରବତା ଭଙ୍ଗ କରନ୍ତୁ  ଏବଂ ତାଙ୍କର କଥିତ ପାରଦର୍ଶିତାର ପ୍ରମାଣ ଦିଅନ୍ତୁ ।